# ୬

# ମୌଳିକ ଅଧିକାର

ଗଣତାନ୍ତ୍ରିକ ରାଷ୍ଟ୍ରରେ ଲୋକମାନେ କେତେଗୁଡ଼ିଏ ଅଧିକାର ଉପଭୋଗ କରନ୍ତି ଯାହା ବିଚାରାଳୟ ଦ୍ୱାରା ସୁରକ୍ଷିତ । ରାଷ୍ଟ୍ର ଦ୍ୱାରା ତାର ଅମାନ୍ୟ ବିଚାରାଳୟ ଦ୍ୱାରା ଗ୍ରହଣୀୟ ନୁହେଁ । ଭାରତ ଲୋକମାନଙ୍କର ଅଧିକାରକୁ ସମ୍ମାନ ଦିଏ ଯାହା ଆମ ସମ୍ବିଧାନରେ ମୌଳିକ ଅଧିକାର ଭାବରେ ପରିଚିତ । ଏହି ବିଷୟରେ ଆମେ ବିଭିନ୍ନ ମୌଳିକ ଅଧିକାର ବିଷୟରେ ବିଷଦ ଭାବରେ ଆଲୋଚନା କରିବା ଯାହା ସମ୍ବିଧାନର ବିଷୟ ତୃତୀୟରେ ଆଲୋଚନା କରାଯାଇଛି ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିଲା ପରେ ତୁମେ

- ମୌଳିକ ଅଧିକାରର ଅର୍ଥ ଓ ଗୁରୁତ୍ୱ ବୁଝାଇ ପାରିବ ।
- ଗୋଟିଏ ବ୍ୟକ୍ତିର ସମ୍ମାନ ମୌଳିକ ଅଧିକାରଦ୍ୱାରା ସୁରକ୍ଷିତ ହୋଇପାରିବ ବୋଲି ଜାଣିପାରିବ ।
- ସର୍ବୋଚ୍ଚ ଓ ଉଚ୍ଚ ନ୍ୟାୟାଳୟ ଦ୍ୱାରା ମୌଳିକ ଅଧିକାର ସାବ୍ୟସ୍ତ କରାଯାଇପାରିବ ବୋଲି ଜାଣିବ ।
- ସମାନତାର ଅଧିକାର ବିଷୟରେ ବୁଝାଇ ପାରିବ ।
- ଅନୁସୂଚିତ ଜାତି ଓ ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗକୁ ସୁରକ୍ଷା ଯୋଗାଇବାର କାରଣ ଅନୁଧ୍ୟାନ କରିପାରିବ ।
- ସ୍ୱାଧୀନତା ଅଧିକାରର ବର୍ଣ୍ଣନା କରିପାରିବ ।
- ଆଇନସିଦ୍ଧ ବ୍ୟବସ୍ଥା ବ୍ୟତିରେକ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାରୁ କାହାକୁ ବଂଚିତ କରାଯାଇପାରିବ ନାହିଁ ବୋଲି ଜାଣିପାରିବ ।
- ଶୋଷଣ ବିରୁଦ୍ଧରେ ଅଧିକାରର ବର୍ଣ୍ଣନା କରିପାରିବ ।
- ଧର୍ମଗତ ସ୍ୱାଧୀନତା ଅଧିକାର ବ୍ୟବସ୍ଥା ବିଷୟରେ ଜାଣିପାରିବ ।
- ଶିକ୍ଷା ଓ ସଂସ୍କୃତିଗତ ଅଧିକାର ବିଷୟ ବୁଝାଇ ପାରିବ ।
- ସମ୍ବିଧାନିକ ପ୍ରତିକାର ଅଧିକାର ଚିହ୍ନିତ କରିପାରିବ ।
- ମୌଳିକ ଅଧିକାରର ସୁରକ୍ଷା ଦିଗରେ ରିଟ୍ (ନିର୍ଦ୍ଦେଶ ନାମା)ର ଭୂମିକା ସମ୍ପର୍କରେ ଜାଣିବ ।
- ମୌଳିକ ଅଧିକାର ଉପଭୋଗରେ ସାମ୍ବିଧାନିକ ପ୍ରତିବନ୍ଧକ ବିଷୟରେ ଅବଗତ ହେବ ।





## ୬.୧ ମୌଳିକ ଅଧିକାରର ଅର୍ଥ ଓ ଆବଶ୍ୟକତା

ଅଧିକାର ଯାହା ସମ୍ବିଧାନରେ ଅବସ୍ଥାପିତ ହୋଇଛି ତାହାକୁ ମୌଳିକ ଅଧିକାର କୁହାଯାଏ । ସେହି ଅଧିକାରଗୁଡିକ ନାଗରିକର ଶାରୀରିକ, ମାନସିକ ଓ ନୈତିକ ଉନ୍ନତି କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ କରେ । ସେମାନେ ଯେଉଁ ସ୍ୱାଧୀନତା ଓ ପରିସ୍ଥିତିଗୁଡିକ ଅନ୍ତର୍ଭୁକ୍ତ କରିଛନ୍ତି ତାହା ବ୍ୟକ୍ତି ଜୀବନକୁ ଅଧିକ ମୂଲ୍ୟବାନ କରିଥାଏ । ମୌଳିକ ଅଧିକାର ସଂଖ୍ୟା ଲଘୁ ସଂପ୍ରଦାୟର ଲୋକମାନଙ୍କର ସୁରକ୍ଷା ପ୍ରଦାନ କରେ । ଏହା ଗଣତାନ୍ତ୍ରିକ ବୈଧତା ପ୍ରତିପାଦନ କରେ । କୌଣସି ଗଣତନ୍ତ୍ର ବାକ୍ ସ୍ୱାଧୀନତା ବିନା କାର୍ଯ୍ୟ କରିପାରିବ ନାହିଁ।

ମୌଳିକ ଅଧିକାର ବ୍ୟବହାରର ଗୁଣ, ନାଗରିକତା, ନ୍ୟାୟ ପ୍ରଦାନ କରେ । ଏହା ସରକାର ଉପରେ ଅଙ୍କୁଶ ଲଗାଇଥାଏ । ଅନେକ ସାମାଜିକ, ଧର୍ମଗତ, ଅର୍ଥନୈତିକ ଓ ରାଜନୈତିକ ଅସୁବିଧା ମୌଳିକ ଅଧିକାରର ଗୁରୁତ୍ୱ ବୃଦ୍ଧି କରିଅଛି । ଆମ ସମ୍ବିଧାନର ତୃତୀୟ ଅଧ୍ୟାୟ ଧାରା ୧୪ ରୁ ୩୨ ମଧ୍ୟରେ ମୌଳିକ ଅଧିକାର ବିଷୟରେ ଆଲୋଚନା କରାଯାଇଅଛି । ସେହି ଅଧିକାର ଗୁଡିକ ନ୍ୟାୟସଂଗତ ।

**ନ୍ୟାୟସଂଗତ :** ନ୍ୟାୟ ସଂଗତ ଅର୍ଥ ଯଦି ମୌଳିକ ଅଧିକାର ସରକାର କିମ୍ବା ବ୍ୟକ୍ତି ବିଶେଷ ଦ୍ୱାରା ଅମାନ୍ୟ ହୁଏ ତେବେ ସେହି ବ୍ୟକ୍ତି ଉଚ୍ଚ ନ୍ୟାୟାଳୟ କିମ୍ବା ଉଚ୍ଚତମ ନ୍ୟାୟାଳୟରେ ତାର ଅଧିକାରର ସୁରକ୍ଷା ପାଇଁ ଆବେଦନ କରିପାରିବ ।

ଆମ ସମ୍ବିଧାନ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାକୁ ମୌଳିକ ଅଧିକାର ପ୍ରତି କୌଣସି ପ୍ରତିବନ୍ଧକ ଆଇନ୍ ଦ୍ୱାରା ହେଉ କିମ୍ବା କାର୍ଯ୍ୟପାଳିକା ନିର୍ଦ୍ଦେଶ ଦ୍ୱାରା ସୃଷ୍ଟି କରିବା ପାଇଁ ଅନୁମତି ଦେଇନାହିଁ । କେତେକ ମୌଳିକ ଅଧିକାର ବିଦେଶୀମାନଙ୍କ ଦ୍ୱାରା ଉପଭୋଗ କରାଯାଇପାରିବ ଯଥା - ଆଇନ୍ ଆଗରେ ସମସ୍ତେ ସମାନ ଏବଂ ଧର୍ମଗତ ସ୍ୱାଧୀନତା ଉଭୟେ ବିଦେଶୀ ଓ ନାଗରିକ ଉପଭୋଗ କରିପାରିବେ । ମୌଳିକ ଅଧିକାର ନ୍ୟାୟ ସଂଗତ ହେଲେ ମଧ୍ୟ ନିରଙ୍କୁଶ ନୁହେଁ । ଲୋକମାନଙ୍କର ହିତକୁ ଦେଖି ସମ୍ବିଧାନ ସରକାରକୁ କେତେକ କ୍ଷମତା ପ୍ରଦାନ କରିଛି । ଯାହାଦ୍ୱାରା ମୌଳିକ ଅଧିକାର ଉପରେ ଲଗାମ ଲଗାଇ ହେବ ।

ଭାରତର ସମ୍ବିଧାନରେ ୭ଗୋଟି ମୌଳିକ ଅଧିକାର ବିଷୟରେ ବର୍ଣ୍ଣନା କରାଯାଇଥିଲା । ୧୯୭୬ ମସିହାରେ ୪୪ତମ ସମ୍ବିଧାନ ସଂଶୋଧନ ଆଇନ୍ ଦ୍ୱାରା ସମ୍ପତ୍ତିଗତ ଅଧିକାରକୁ ମୌଳିକ ଅଧିକାରରୁ ବାହାର କରି ଦିଆଗଲା । ସେହିଦିନ ଠାରୁ ଏହା ଏକ ଆଇନ୍ ସିଦ୍ଧ ଅଧିକାର ଭାବରେ ରହିଛି । ବର୍ତ୍ତମାନ ଏହା ୬ଗୋଟି ମୌଳିକ ଅଧିକାର ଭାବରେ ରହିଛି ।

ମୌଳିକ ଅଧିକାର ଗୁଡିକ ହେଲା -

୧। ସମାନତା ଅଧିକାର

୨। ସ୍ୱାଧୀନତାର ଅଧିକାର

୩। ଶୋଷଣ ବିରୁଦ୍ଧରେ ଅଧିକାର

୪। ଧର୍ମଗତ ଅଧିକାର

୫। ଶିକ୍ଷା ଓ ସଂସ୍କୃତିର ଅଧିକାର

୬। ସାମ୍ବିଧାନିକ ପ୍ରତିକାର ଅଧିକାର

୮୬ତମ ସମ୍ବିଧାନ ସଂଶୋଧନ ଆଇନ୍ ବଳରେ ଶିକ୍ଷାର ଅଧିକାର ଭାବରେ ୨୧ (କ) ଧାରାରେ ମୌଳିକ ଅଧିକାର ଭାବରେ ଗ୍ରହଣ କରାଯାଇଛି । ଆମେ ଅଧିକାର ଗୁଡିକୁ ଗୋଟିଏ ପରେ ଗୋଟିଏ ବର୍ତ୍ତମାନ ପାଠ କରିବା ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୬.୧

ଶୂନ୍ୟସ୍ଥାନ ପୂରଣ କର ।

୧। ସଂପତ୍ତିଗତ ଅଧିକାର ମୌଳିକ ଅଧିକାରରୁ ________ ସମ୍ବିଧାନ ସଂଶୋଧନ ଆଇନ୍ ବଳରେ ବାଦ ଦିଆଯାଇଛି । (୪୨ତମ, ୪୪ତମ, ୪୩ତମ)

୨। ସମ୍ବିଧାନର ତୃତୀୟ ଅଧ୍ୟାୟରେ ଦିଆଯାଇଥିବା ଅଧିକାର ଗୁଡିକ ________ ଅଧିକାର । (ଆଇନ୍‌ଗତ, ଅର୍ଥନୀତି, ମୌଳିକ)

---

## ୬.୨ ସମାନତାର ଅଧିକାର

ପ୍ରତ୍ୟେକ ନାଗରିକ ସମାନ ସୁବିଧା ସୁଯୋଗ ପାଇବାକୁ ସମାନତାର ଅଧିକାର କୁହାଯାଏ । ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ ନିର୍ବିଶେଷରେ ଏହା ନାଗରିକକୁ ସୁରକ୍ଷିତ କରେ । ସମାନତାର ଅଧିକାର ୫ଗୋଟି ସମାନତାକୁ ନେଇ ଗଠିତ ।

### ୬.୨.୧ ଆଇନ୍ ଆଗରେ ସମାନ

ଭାରତୀୟ ସମ୍ବିଧାନ ଅନୁସାରେ "ଭାରତର ସୀମା ମଧ୍ୟରେ ରାଷ୍ଟ୍ର କୌଣସି ନାଗରିକଙ୍କୁ ଆଇନ୍ ଆଗରେ ସମାନ କିମ୍ବା ଆଇନର ସମ ସୁରକ୍ଷାକୁ ବାରଣ କରିପାରିବ ନାହିଁ ।"

ଆଇନ୍ ଆଗରେ ସମାନର ଅର୍ଥ କୌଣସି ବ୍ୟକ୍ତି ଆଇନ୍‌ର ଉର୍ଦ୍ଧ୍ୱରେ ନୁହଁ ଏବଂ ସମସ୍ତେ ଆଇନ୍ ଆଗରେ ସମାନ, ସମସ୍ତ ନାଗରିକ ବିଚାରାଳୟକୁ ସମାନ ଭାବରେ ଯାଇ ପାରିବେ । ଆଇନ୍‌ର ସମ ପରିମାଣର ସୁରକ୍ଷାର ଅର୍ଥ ଦୁଇଟି ବ୍ୟକ୍ତି ଦୁଇଟି ସଂପ୍ରଦାୟରୁ ଆସି ଯଦି ସମାନ ଦୋଷ କରନ୍ତି ତେବେ ସେମାନଙ୍କୁ ସମାନ ଦଣ୍ଡ ବିଧାନ କରାଯିବ ।

### ୬.୨. ଧର୍ମ, ଜାତି ଲିଙ୍ଗ ଓ ଜନ୍ମ ସ୍ଥାନକୁ ନେଇ ଭେଦଭାବର ନିଷେଧ


କୌଣସି ନାଗରିକକୁ ବଜାର, ହୋଟେଲ୍ ଓ ସାଧାରଣ ମନୋରଞ୍ଜନ ସ୍ଥାନକୁ ବାରଣ କରାଯାଇପାରିବ ନାହିଁ । ରାଷ୍ଟ୍ର ଅର୍ଥରୁ ପରିଚାଳିତ କୂପ, ପୁଷ୍କରିଣୀ, ନଦୀଘାଟ ଓ ରାସ୍ତାକୁ କାହାରିକୁ ବାରଣ କରାଯାଇପାରିବ ନାହିଁ । କିନ୍ତୁ ସୁରକ୍ଷା ମୂଳକ ଭେଦଭାବ କାରଣରୁ ମହିଳା, ଶିଶୁ, ସାମାଜିକ ଓ ଶୈକ୍ଷିକ ଅନୁନ୍ନତ ବର୍ଗ, ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତିଙ୍କ ନିମନ୍ତେ ରାଷ୍ଟ୍ର ସ୍ୱତନ୍ତ୍ର ବ୍ୟବସ୍ଥା କରିପାରେ । ରାଷ୍ଟ୍ର ଏହି ବର୍ଗ ଲୋକମାନଙ୍କ ପାଇଁ ଶିକ୍ଷାନୁଷ୍ଠାନ ମାନଙ୍କରେ ସଂରକ୍ଷଣ ବ୍ୟବସ୍ଥା କରିପାରେ ।

### ୬.୨.୩ ସରକାରୀ ନିଯୁକ୍ତି ସୁଯୋଗରେ ସମାନତ

ରାଷ୍ଟ୍ର ଅଧିନରେ ଥିବା କୌଣସି ପଦବୀ ବା ଚାକିରିରେ ନିଯୁକ୍ତି ପାଇଁ ସମସ୍ତ ନାଗରିକଙ୍କୁ ସମାନ ସୁବିଧା ସୁଯୋଗ ମିଳିବ । ନିଯୁକ୍ତି ନିମନ୍ତେ କୌଣସି ନାଗରିକ ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ, ବଂଶାନୁକ୍ରମ, ଜନ୍ମସ୍ଥାନ, ବାସସ୍ଥାନ କିମ୍ବା ସେଗୁଡିକ ମଧ୍ୟରୁ କୌଣସିଟି ପାଇଁ ଅଯୋଗ୍ୟ ହେବେନାହିଁ କିମ୍ବା ପକ୍ଷପାତର ଶୀକାର ହେବେନାହିଁ । ନିଯୁକ୍ତି ଯୋଗ୍ୟତା ଅନୁସାରେ ହେବ ।

### ୬.୨.୪ ଅସ୍ପୃଶ୍ୟତାର ବିଲୋପ :

ସମ୍ବିଧାନ ଅସ୍ପୃଶତାକୁ ବିଲୋପ କରିଛି ଓ ଏହାର କୌଣସି ପ୍ରକାର କାର୍ଯ୍ୟକୁ ମଧ୍ୟ ବାରଣ କରିଛି ବନ୍ଧନ ମଧ୍ୟରେ ଦର୍ଶାଯାଇଥିବା କାର୍ଯ୍ୟ ବେଆଇନ୍ ଅଟେ । ଯାହା ଅସ୍ପୃଶ୍ୟତାକୁ ଆଧାର କରି କରାଯାଇଥାଏ ।



Notes

ସର୍ବସାଧାରଣ ଅନୁଷ୍ଠାନରେ କୌଣସି ବ୍ୟକ୍ତି ନାମ ଲେଖାଇବା ପାଇଁ ମନା କରିବା ।
ସର୍ବ ସାଧାରଣ ପୂଜାବସ୍ଥାରେ କୌଣସି ବ୍ୟକ୍ତି ପୂଜା କରିବା ପାଇଁ ବାରଣ କରିବା ।
ଅସ୍ପୃଶ୍ୟତାକୁ ଆଧାର କରି କୌଣସି ଅନୁସୂଚିତ ଜାତିର ସଦସ୍ୟକୁ ଅପମାନିତ କରିବା ।
ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଅସ୍ପୃଶ୍ୟତା ଉପରେ ଶିକ୍ଷା ଦେବା ।

### ୬.୨.୫ ଉପାଧି ଉଚ୍ଛେଦ

ଜାତୀୟ ବା ଆନ୍ତର୍ଜାତୀୟ ସ୍ତରରେ ପ୍ରଦାନ କରାଯାଇଥିବା ସମସ୍ତ ଉପାଧି ଯାହା ଲୋକମାନଙ୍କ ମଧ୍ୟରେ କୃତ୍ରିମ ପାର୍ଥକ୍ୟ ସୃଷ୍ଟି କରେ ତାହାକୁ ଉଚ୍ଛେଦ କରାଯାଇଛି । ଉପନିବେଷବାଦକୁ ସହଯୋଗ କରୁଥିବା କେତେକ ଅଳ୍ପ ସଂଖ୍ୟକ ଭାରତୀୟମାନଙ୍କୁ ବ୍ରିଟିଶ ସରକାର ଦ୍ୱାରା ଦିଆଯାଇଥିବା ଉପାଧି ଯଥା ରାୟସାହିବ୍ ଓ ରାୟ ବାହାଦୂରକୁ ସମ୍ବିଧାନର ବ୍ୟବସ୍ଥା ଅନୁସାରେ ପ୍ରତ୍ୟାହାର କରି ନିଆଯାଇଅଛି । ଏହି ପ୍ରକାର ଉପାଧି ପ୍ରଦାନ ଦ୍ୱାରା ଆଇନ୍ ଆଗରେ ସମାଜକୁ ବିରୋଧ କରେ । ଦେଶ ପାଇଁ ବା ଜାତି ପାଇଁ ଅତୁଳନୀୟ ସେବା ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥାଏ ନାଗରିକ ମାନଙ୍କୁ ରାଷ୍ଟ୍ରପତି ବେସାମରୀକ ଓ ସାମରୀକ ପୁରସ୍କାରମାନ ପ୍ରଦାନ କରିଥା'ନ୍ତି । ଯଥା - ଭାରତ ରତ୍ନ, ପଦ୍ମ ବିଭୁଷଣ, ପଦ୍ମଶ୍ରୀ, ପରମବୀର ଚକ୍ର ଓ ବୀର ଚକ୍ର କିନ୍ତୁ ତାହାକୁ ଉପାଦନ ବୋଲି ଆଖ୍ୟା ଦିଆଯାଇନାହିଁ ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୬.୨

୧। ସମାନତାର ଅଧିକାର _______ ବୈଶମ୍ୟର ସମାପ୍ତ କରିବାର ଲକ୍ଷ୍ୟ ରଖିଥାଏ ।
(ନୈତିକ, ସାମାଜିକ, ରାଜନୈତିକ)

୨। ସମାନତାର ଅଧିକାର _______ ପ୍ରକାରର ଅଧିକାର । (୩, ୪, ୫)

୩। ଅସ୍ପୃଶ୍ୟତାର ଉଚ୍ଛେଦ _______ ଅଧିକାର ପ୍ରଦାନ କରିଛି । (ସମାନତା, ସ୍ୱାଧିନତା, ଧର୍ମ୍ୟତ)

୪। ମହିଳା ଓ ଶିଶୁମାନଙ୍କ ଶୋଷଣ ବିରୁଦ୍ଧରେ ରାଷ୍ଟ୍ର _______ ପ୍ରକାର ବ୍ୟବସ୍ଥା କରିଛି ।
(ସାଧାରଣ, ସ୍ୱତନ୍ତ୍ର, ଯାହିତାହିତା)

୫। ସମାନତାର ଅଧିକାର _______ ଅଧିକାର ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛି ।
(ସାମାଜିକ, ନୈତିକ, ରାଜନୈତିକ)

## ୬.୩ ସ୍ୱାଧୀନତାର ଅଧିକାର

ସ୍ୱାଧୀନତା ହେଉଛି ପ୍ରକୃତ ଗଣତନ୍ତ୍ରର ବୈଶିଷ୍ଟ୍ୟ । ଆମ ସମ୍ବିଧାନ ଭାରତୀୟ ନାଗରିକମାନଙ୍କୁ ସ୍ୱାଧୀନତାର ଅଧିକାର ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି ।

### ୬.୩.୧ ଛଅ ଗୋଟି ମୌଳିକ ସ୍ୱାଧୀନତା

ସମ୍ବିଧାନ ନିମ୍ନଲିଖିତ ୬ ଗୋଟି ମୌଳିକ ଅଧିକାର ପ୍ରଦାନ କରିଛନ୍ତି ।

(i) ବାକ୍ ଓ ଅଭିବ୍ୟକ୍ତିର ସ୍ୱାଧୀନତା ।
(ii) ଶାନ୍ତିପୂର୍ଣ୍ଣ ଓ ନିରସ୍ତ୍ରଭାବେ ସମାବେଶ ହେବା ।
(iii) ସଂଘ ଗଠନ କରିବାର ସ୍ୱାଧୀନତା ।
(iv) ଭାରତର ଭୂଖଣ୍ଡ ମଧ୍ୟରେ ସ୍ୱାଧୀନ ଭାବରେ ଭ୍ରମଣ କରିବା ।

(v) ଭାରତର ଯେକୌଣସି ସ୍ଥାନରେ ବସତି ସ୍ଥାପନ କରିବା ।

(vi) କୌଣସି ବୃତ୍ତିକୁ ପେଷା କରିବା କିମ୍ବା କୌଣସି ଜୀବିକା ବ୍ୟାପାର କିମ୍ବା ବ୍ୟବସାୟ ଚଳୁ ରଖିବା ।

ଆସ ଏହି ଅଧିକାର ଗୁଡିକ ବିଷୟରେ ଆଲୋଚନା କରିବା –

### ୧। ବାକ୍ ଓ ଅଭିବ୍ୟକ୍ତର ସ୍ୱାଧୀନତା :

ଏହା ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାଧୀନତା । ଏହି ସ୍ୱାଧିନତା ମୁକ୍ତ ଭାବରେ କଥା, ଆଲୋଚନା ଓ ମତର ଆଦାନ ଓ ପ୍ରଦାନ ଉପରେ ଗୁରୁତ୍ୱ ଦିଏ । ଏହା ମୁକ୍ତ ପ୍ରେସ୍‌ର ସ୍ୱାଧୀନତାକୁ ଅନ୍ତର୍ଭୁକ୍ତ କରେ ।

ବାକ୍ ଓ ଅଭିବ୍ୟକ୍ତର ସ୍ୱାଧୀନତା ନିରଙ୍କୁଶ ନୁହେଁ । ରାଷ୍ଟ୍ର ଏହି ସ୍ୱାଧୀନତାର କାର୍ଯ୍ୟକାରିତା ଉପରେ ରାଷ୍ଟ୍ରର ନିରାପତ୍ତା, ନୈତିକତା ଆଧାରରେ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଲାଗୁ କରିପାରିବ ।

> ଏହି ସବୁ ସ୍ୱାଧୀନତାକୁ ଜାତୀୟ ଜରୁରୀ ପରିସ୍ଥିତି ସମୟରେ ନିଲମ୍ବିତ କରାଯାଇ ପାରିବ । ଜାତୀୟ ଜରୁରୀ ପରିସ୍ଥିତି ୩୫୨ ଧାରା ଅନୁସାରେ ଘୋଷଣା କରିବା ସଂଗେ ସଂଗେ ଜୀବନ ଧାରଣ ଅଧିକାର ବ୍ୟତୀତ ଅନ୍ୟ ସମସ୍ତ ଅଧିକାର ଆପେ ଆପେ ନିଲମ୍ବିତ ହୋଇ ରହିଯିବ, ଯେଉଁ ପର୍ଯ୍ୟନ୍ତ ଜାତୀୟ ଜରୁରୀ ପରିସ୍ଥିତି ଜାରୀ ରହିଥିବ । ଜାତୀୟ ଜରୁରୀ ପରିସ୍ଥିତି ଉଠିଯିବା ପରେ ଏହି ସମସ୍ତ ଅଧିକାର ପୁନଶ୍ଚ କାର୍ଯ୍ୟ କରିବ ।

### ୬.୩.୨ ସିଦ୍ଧ ଦୋଷରୁ ସୁରକ୍ଷା :

ଏହି ବ୍ୟବସ୍ଥାରେ ଦୋଷୀ ବୋଲି ବିବେଚିତ ହେଉଥିବା ବ୍ୟକ୍ତିକୁ ୩ ଗୋଟି ଅଧିକାର ପ୍ରଦାନ କରାଯାଇଛି ।

୧। ବ୍ୟକ୍ତିଟି ସେହି ସମୟରେ ପ୍ରଚଳିତ ନଥିବା କୌଣସି ଆଇନ୍ ଅନୁଯାୟୀ ଦଣ୍ଡିତ ହେବନାହିଁ ।

୨। କୌଣସି ଅପରାଧ ପାଇଁ ବ୍ୟକ୍ତି ଦୁଇଥର ଦଣ୍ଡ ଭୋଗ କରିବ ନାହିଁ ।

୩। କୌଣସି ବ୍ୟକ୍ତିକୁ ନିଜ ବିରୁଦ୍ଧରେ ସାକ୍ଷ୍ୟ ଦେବାକୁ ବାଧ କରାଯିବ ନାହିଁ ।

### ୬.୩.୩ ଜୀବନ ଓ ବ୍ୟକ୍ତିଗତ ସ୍ୱତନ୍ତତାର ସୁରକ୍ଷା :

ବିଧିଦ୍ୱାରା ସ୍ଥାପିତ ପ୍ରକ୍ରିୟା ବ୍ୟତିରେକ କୌଣସି ବ୍ୟକ୍ତିକୁ ତାଙ୍କ ଜୀବନ କିମ୍ବା ବ୍ୟକ୍ତିଗତ ସ୍ୱାଧୀନତା ବଞ୍ଚିତ କରାଯାଇପାରିବ ନାହିଁ । ଆଇନ୍ ବ୍ୟତିରେକେ ଜୀବନ କିମ୍ବା ବ୍ୟକ୍ତିଗତ ସ୍ୱତନ୍ତତାରୁ ବଞ୍ଚିତ କରାଯାଇପାରିବ ନାହିଁ । କେତେକ କର୍ତ୍ତୃତ୍ୱ ଇଚ୍ଛାରେ ବ୍ୟକ୍ତି ଦଣ୍ଡ / ଜେଲ୍ ଦଣ୍ଡ ଭୋଗିଥାଏ । ଆଇନ୍‌କୁ ଅମାନ୍ୟ କଲେ ସେ ଦଣ୍ଡ ପାଇଥାଏ ।


### ୬.୩.୪ ବେଆଇନ୍ ଅଟକରୁ ସୁରକ୍ଷା :

ଆମ ସମ୍ବିଧାନ ଗିରଫ ହେଉଥିବା ବ୍ୟକ୍ତି ପାଇଁ କେତେଗୁଡିଏ ଅଧିକାରର ବ୍ୟବସ୍ଥା କରିଛି । ସେଗୁଡିକ ହେଲା

୧। ଯେତେ ଶୀଘ୍ର ସମ୍ଭବ ଗିରଫର କାରଣ ଜଣାଇ ଦିଆଯିବ ।

୨। ଗିରଫ ବ୍ୟକ୍ତିର ଇଚ୍ଛାନୁଯାୟୀ ଓକିଲ ସହିତ ପରାମର୍ଶ କରିବା ଓ ନିଜର ପ୍ରତିରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରିବାର ଅଧିକାର ସେ ବ୍ୟକ୍ତିକୁ ଦିଆଯିବ ।

୩। ଗିରଫ ହେବାର ୨୪ ଘଣ୍ଟା ମଧ୍ୟରେ ତାଙ୍କୁ ନିକଟତମ ମାଜିଷ୍ଟ୍ରେଟ୍ ସମ୍ମୁଖରେ ହାଜର କରାଯିବ ।



Notes

ଏହି ସମସ୍ତ ସୁରକ୍ଷା ବିଦେଶୀ କିମ୍ବା ନିବୃତ୍ତିମୂଳକ ଅଟକ ଆଇନ୍ ବଳରେ ଗିରଫ ହୋଇଥିବା ନାଗରିକମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ।

**ନିବୃତ୍ତିମୂଳକ ଅଟକ :** ଯେତେବଳେ ରାଷ୍ଟ୍ର ଅନୁଭବ କରିବ ଯେ, ଗୋଟିଏ ବ୍ୟକ୍ତି ରାଷ୍ଟ୍ରର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି ତାଙ୍କ ସୀମିତ ସମୟ ପାଇଁ ଅଟକ ରଖିପାରିବ । ନିବୃତ୍ତି ଅଟକ ଆଇନ୍ ବଳରେ ଗିରଫ କୌଣସି ବ୍ୟକ୍ତିକୁ ସର୍ବାଧିକ ୩ ମାସ ପର୍ଯ୍ୟନ୍ତ ଅଟକ ରଖାଯାଇପାରିବ । ଯଦି ଉଚ୍ଚ ନ୍ୟାୟାଳୟର କାର୍ଯ୍ୟରତ କିମ୍ବା ଅବସର ପ୍ରାପ୍ତ ବିଚାରପତି ଅଥବା ତତୁଲ୍ୟ ଯୋଗ୍ୟତା ଥିବା ବ୍ୟକ୍ତିମାନଙ୍କୁ ନେଇ ଗଠିତ ପରାମର୍ଶଦାତା ପରିଷଦ ଅଟକର ମିଆଦ ବା ସମୟ ବୃଦ୍ଧି ନିମନ୍ତେ ସୁପାରିଶ କରେ ତେବେ ତାହା ବୃଦ୍ଧି କରାଯିବ ।

### ୬.୩.୫ ଶିକ୍ଷାଗତ ଅଧିକାର :

୮୬ତମ ସମ୍ବିଧାନ ସଂଶୋଧନ ଆଇନ୍ ବଳରେ ୨୧-କ ନାମକ ଏକ ନୂତନ ଧାରା ୨୧ ଧାରାରେ ସଂଯୋଗ କରାଯାଇଛି । ଏହି ସମ୍ବିଧାନ ସଂଶୋଧନ ଫଳରେ ଶିକ୍ଷାଗତ ଅଧିକାରକୁ ମୌଳିକ ଅଧିକାର ଭାବରେ ଗ୍ରହଣ କରାଯାଇ ରାଷ୍ଟ୍ର ନିର୍ଦ୍ଦେଶନାମା ନୀତିରୁ ବାଦ୍ ଦିଆଯାଇଛି । ଏହି ଧାରା ଅନୁସାରେ "ରାଷ୍ଟ୍ର ୬ରୁ ୧୪ ବର୍ଷ ପିଲାମାନଙ୍କୁ ମାଗଣାରେ ଓ ବାଧ୍ୟତା ମୂଳକ ଶିକ୍ଷା ପ୍ରଦାନ କରିବ ଯାହା ଆଇନ୍ ଦ୍ୱାରା ନିର୍ଦ୍ଧାରିତ । ଏହା ପୁନଶ୍ଚ କହିଛି ଯେ, ଏହା ପିତାମାତା କିମ୍ବା ଅଭିଭାବକମାନଙ୍କର ଦାୟୀତ୍ୱ ଯେ, ସେମାନେ ସେମାନଙ୍କର ପିଲାମାନଙ୍କୁ ପାଠ ପଢ଼ାର ସୁଯୋଗ ପ୍ରଦାନ କରିବେ ।"

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୬.୩

ପ୍ରତ୍ୟେକ ପ୍ରଶ୍ନର ଚାରିଗୋଟି ବିକଳ୍ପ ରହିଛି । ଠିକ୍ ବିକଳ୍ପ ଚିହ୍ନଟ କରି ଠିକ୍ ମାରିବ ।

୧। ସ୍ୱାଧିନତାର ଅଧିକାରରେ କେତେଗୋଟି ସ୍ୱାଧୀନତାର ପ୍ରସ୍ତାବ ରହିଛି ।

(କ) ୫

(ଖ) ୬

(ଗ) ୭

(ଘ) ୮

୨। କୌଣସି ବ୍ୟକ୍ତି ଗିରଫ ହେବାର କେତେ ଘଣ୍ଟା ମଧ୍ୟରେ ମାଜିଷ୍ଟ୍ରେଟ୍ ପାଖରେ ହାଜର ହେବା ଆବଶ୍ୟକ ।

(କ) ୧୨ ଘଣ୍ଟା

(ଖ) ୨୪ ଘଣ୍ଟା

(ଗ) ୩୬ ଘଣ୍ଟା

(ଘ) ୪୮ ଘଣ୍ଟା

୩। ଗୋଟିଏ ବ୍ୟକ୍ତି ନିବୃତ୍ତିମୂଳକ ଅଟକ ଆଇନ୍ ବଳରେ ଗିରଫ ହୋଇଥିଲେ ବିନା ବିଚାରରେ କେତେଦିନ ଜେଲ୍ ରହିପାରିବ ।

(କ) ତିନି ମାସ

(ଖ) ଛଅ ମାସ



Notes



(ଗ) ବାର ମାସ

(ଘ) ଅଠର ମାସ

୪। ଶିକ୍ଷାଗତ ଅଧିକାର _______ ସମ୍ବିଧାନ ସଂଶୋଧନ ଆଇନ୍ ବଳରେ ମୌଳିକ ଅଧିକାର ରୂପେ ସ୍ୱୀକୃତି ପାଇଛି । (କ) ୧୪ତମ (ଖ) ୪୨ତମ (ଗ) ୮୮ତମ

## ୬.୪ ଶୋଷଣ ବିରୁଦ୍ଧରେ ଅଧିକାର :

ଭାରତର ଲୋକମାନେ କେବଳ ବ୍ରିଟିଶମାନଙ୍କ ଦ୍ୱାରା ଶୋଷିତ ହେଉ ନଥିଲେ ସେମାନେ ମଧ୍ୟ ଜମିଦାରମାନଙ୍କ ଦ୍ୱାରା ଶୋଷିତ ହେଉଥିଲେ । ସେହି ବ୍ୟବସ୍ଥାକୁ ବେଠି କୁହାଯାଉଥିଲା । ଶୋଷଣ ବିରୁଦ୍ଧରେ ଅଧିକାର ମଣିଷ ବ୍ୟବସାୟ ଓ ବେଠିକୁ ନିଷେଧ କରିଛି । ଏହାର ବିରୁଦ୍ଧାଚରଣ ଆଇନ୍ ଅନୁସାରେ ଏକ ଦଣ୍ଡନୀୟ ଅପରାଧ । ବନ୍ୟା, ଜଙ୍ଗଲ ପୋଡ଼ି ଓ ବିଦେଶୀ ଆକ୍ରମଣ ସମୟରେ ଲୋକମାନଙ୍କର ସେବା ରାଷ୍ଟ୍ର ପାଇଁ ପ୍ରୟୋଜନ ଅଟେ ।

ଆମ ସମ୍ବିଧାନ ଶିଶୁମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା କରିଛି । ୧୪ ବର୍ଷରୁ କମ୍ ବୟସର କୌଣସି ଶିଶୁକୁ କୌଣସି କାରଖାନା, ଖଣି କିମ୍ବା ଅନ୍ୟ କୌଣସି ବିପଦ ଜନକ କାର୍ଯ୍ୟରେ ନିଯୁକ୍ତି କରାଯିବ ନାହିଁ ।

ମଣିଷ ବ୍ୟବସାୟ ଅର୍ଥ ମଣିଷକୁ ଦ୍ରବ୍ୟ ଭାବରେ କିଣା ଓ ବିକା କରି ଅନୈତିକ କାର୍ଯ୍ୟ ଯଥା - କ୍ରୀତଦାସ ଓ ବେଶ୍ୟା ଭାବରେ ବ୍ୟବହାର କରିବା ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୬.୪

**ଶୂନ୍ୟସ୍ଥାନ ପୂରଣ କର ।**


୧। _______ ବର୍ଷରୁ କମ୍ ବୟସର କୌଣସି ଶିଶୁକୁ କୌଣସି କାରଖାନା, ଖଣି କାର୍ଯ୍ୟରେ ନିଯୁକ୍ତି କରାଯିବ ନାହିଁ । (୧୪, ୧୬, ୧୮)

## ୬.୫ ଧର୍ମୀୟ ସ୍ୱାଧୀନତା ଅଧିକାର

ଭାରତ ବହୁ-ଧର୍ମୀୟ ରାଷ୍ଟ୍ର । ହିନ୍ଦୁଙ୍କୁ ଛାଡିଦେଲେ ମୁସଲମାନ୍ ଶିଖ, ଖ୍ରୀଷ୍ଟିଆନ୍ ଓ ଅନ୍ୟ ଧର୍ମୀୟ ଲୋକମାନେ ଆମ ଦେଶରେ ବସତି ସ୍ଥାପନ କରୁଅଛନ୍ତି । ଆମ ସମ୍ବିଧାନରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବିବେକର ସ୍ୱାଧୀନତା ଓ ଧର୍ମ ବିଶ୍ୱାସ, ଧର୍ମାଚରଣ, ଧର୍ମର ପ୍ରଚାର ଓ ପ୍ରସାରର ସ୍ୱାଧୀନତା ଦିଆଯାଇଛି ।

ପ୍ରତ୍ୟେକ ଧର୍ମ ସମ୍ପ୍ରଦାୟ ଧାର୍ମିକ ଓ ଦାତବ୍ୟ ଉଦ୍ଦେଶ୍ୟରେ ଅନୁଷ୍ଠାନ ପ୍ରତିଷ୍ଠା ଓ ରକ୍ଷଣାବେକ୍ଷଣ କରି ପାରିବ । ନିଜର ଧାର୍ମିକ ବ୍ୟାପାର ପରିଚାଳନା କରିପାରିବ । ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ସତ୍ତ୍ୱ ହାସଲ ଓ ଅଧିଗ୍ରହଣ କରିପାରିବ ଏବଂ ଆଇନ୍ ଅନୁସାରେ ସମ୍ପୃକ୍ତ ସମ୍ପତ୍ତିର ପରିଚାଳନା କରିପାରିବ ।

ସରକାରୀ ପାଣ୍ଠିରେ ପରିଚାଳିତ ଶିକ୍ଷାନୁଷ୍ଠାନରେ ଧର୍ମ ଶିକ୍ଷା ପ୍ରଦାନ କରାଯାଇ ପାରିବ ନାହିଁ । ରାଷ୍ଟ୍ର ଦ୍ୱାରା ପରିଚାଳିତ ହେଉ ନଥିବା ଅନୁଷ୍ଠାନ ଏହି ନିୟନ୍ତ୍ରଣ ମଧ୍ୟରେ ରହିବେ ନାହିଁ । ତେବେ ରାଷ୍ଟ୍ର ଦ୍ୱାରା ସ୍ୱୀକୃତ ଅଥବା ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନରେ ପ୍ରଦତ୍ତ ଧର୍ମ ଶିକ୍ଷା ଗ୍ରହଣ କରିବାକୁ କାହାରିକୁ ବାଧ୍ୟ କରାଯାଇପାରିବ ନାହିଁ ।



Notes

ଧର୍ମଗତ ସ୍ୱାଧୀନତାର ଅଧିକାର ନିରଙ୍କୁଶ ନୁହେଁ । ସର୍ବସାଧାରଣ ଶୃଙ୍ଖଳା, ନୈତିକତା ଓ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ । ରାଷ୍ଟ୍ର ମନମୁଖୀ ଭାବରେ ନିୟନ୍ତ୍ରଣ କରିପାରିବ ନାହିଁ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୬.୫

**ଉପଯୁକ୍ତ ଶବ୍ଦ ବା ସଂଖ୍ୟା ବାଛି ଶୂନ୍ୟସ୍ଥାନ ପୂରଣ କର ।**

୧। ଧର୍ମ ନିରପେକ୍ଷ ରାଷ୍ଟ୍ରରେ ଧର୍ମ ________ ଉପରେ ପର୍ଯ୍ୟବେସିତ । (ବ୍ୟକ୍ତି, ସମାଜ, ରାଷ୍ଟ୍ର)

୨। ସରକାରୀ ପାଣ୍ଠିରେ ପରିଚାଳିତ ଶିକ୍ଷାନୁଷ୍ଠାନରେ ________ ଶିକ୍ଷା ପ୍ରଦାନ କରାଯାଇପାରିବ ନାହିଁ । (ନୈତିକ, ଧାର୍ମିକ, ଦୁଇଟି ମଧ୍ୟରୁ କେହି ନୁହେଁ)

## ୬.୬ ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର

ସଂସ୍କୃତି, ଭାଷା ଓ ଲିପିର ବିଭିନ୍ନତା ମଧ୍ୟରେ ଭାରତ ଗୋଟିଏ ବିଶାଳ ରାଷ୍ଟ୍ର ଅଟେ । ଲୋକମାନେ ସେମାନଙ୍କର ଭାଷା ଓ ସଂସ୍କୃତିକୁ ନେଇ ଗର୍ବିତ ।

ଆମ ସମ୍ବିଧାନ ସଂସ୍କୃତି ଓ ଭାଷାର ସୁରକ୍ଷା ଓ ପ୍ରସାର ପାଇଁ ସମସ୍ତ ପ୍ରକାର ପଦକ୍ଷେପର ବ୍ୟବସ୍ଥା କରିଛି । ସମ୍ବିଧାନ ସଂଖ୍ୟା ଲଘୁ ସଂପ୍ରଦାୟର ଲୋକମାନେ ନିଜ ଇଚ୍ଛାରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନା କରିବାର ଅନୁମତି ସମ୍ବିଧାନ ଦେଇଛି । ଶିକ୍ଷାନୁଷ୍ଠାନମାନଙ୍କୁ ଅନୁଦାନ ପ୍ରଦାନ କ୍ଷେତ୍ରରେ ରାଷ୍ଟ୍ର ଧର୍ମ ଭିତ୍ତିକ କିମ୍ବା ଭାଷା ଭିତ୍ତିକ ସଂଖ୍ୟା ଲଘୁ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ କୌଣସି ଶିକ୍ଷାନୁଷ୍ଠାନ ପ୍ରତି ପାତର ଅନ୍ତର କରିବ ନାହିଁ ।

ଏହି ଅଧିକାର ସୁନିଶ୍ଚିତ କରିଛି ଯେ, ରାଷ୍ଟ୍ରଦ୍ୱାରା ସଂଖ୍ୟାଲଘୁ ସଂପ୍ରଦାୟର ଭାଷା ଓ ସଂସ୍କୃତି ସୁରକ୍ଷିତ ହୋଇପାରିବ ।

## ୬.୭ ସାମ୍ବିଧାନିକ ପ୍ରତିକାର ଅଧିକାର

ସମସ୍ତ ମୌଳିକ ଅଧକାର ପଢ଼ିସାରିଲା ପରେ ତୁମର ମନରେ ଗୋଟିଏ ପ୍ରଶ୍ନ ଆସିପାରେ, ରାଷ୍ଟ୍ର ଦ୍ୱାରା ଯଦି ଗୋଟିଏ ବ୍ୟକ୍ତିର ମୌଳିକ ଅଧିକାର କ୍ଷୁର୍ଣ୍ଣ ହୁଏ । ବ୍ୟକ୍ତି ଜଣକ କ'ଣ କରିପାରିବ ?

ସମ୍ବିଧାନର ତୃତୀୟ ଅଧ୍ୟାୟରେ ମୌଳିକ ଅଧିକାରର ସୁରକ୍ଷା ପାଇଁ କେତେଗୁଡ଼ିଏ ଆଇନ୍‌ଗତ ବ୍ୟବସ୍ଥା କରାଯାଇଛି । ଏହା ମଧ୍ୟରୁ କୌଣସି ଅଧିକାର କ୍ଷୁର୍ଣ୍ଣ ହେଲେ ନାଗରିକ ସର୍ବୋଚ୍ଚ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟକୁ ଯାଇପାରିବ । ରାଷ୍ଟ୍ର ଏପରି କୌଣସି ଆଇନ୍ ତିଆରି କରିବ ନାହିଁ । ଯାହା ମୌଳିକ ଅଧିକାର ସହିତ ଦ୍ୱନ୍ଦ ଉପୁଜିବ ।

ସମ୍ବିଧାନ ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟକୁ କେତେକ ହୁକୁମାନାମା ଜାରି କରିବା ପାଇଁ କ୍ଷମତା ପ୍ରଦାନ କରିଛି ଯାହା ନିମ୍ନ ଲିଖିତ ବନ୍ଧନୀ ମଧ୍ୟରେ ଦିଆଗଲା ।

**ବନ୍ଦୀ ପ୍ରତ୍ୟକ୍ଷୀକରଣ (Habeas Corpus) :** ଏହି ଆଜ୍ଞାଦେଶ ବଳରେ ଉଚ୍ଚତମ ନ୍ୟାୟାଳୟ ବେଆଇନ୍ ଭାବେ ଅଟକ ଥିବା କୌଣସି ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ ଭାବରେ ଅଥବା ସଶରୀରେ ହାଜର କରାଇବା ଓ ଅଟକର କାରଣ ଦର୍ଶାଇବା ନିମନ୍ତେ ଅଟକକାରୀଙ୍କୁ କିମ୍ବା ରାଷ୍ଟ୍ରକୁ ନିର୍ଦ୍ଦେଶ ଦିଅନ୍ତି ।

**ପରମାଦେଶ (Mandamus) :** ଏହି ଆଜ୍ଞାଦେଶ ବଳରେ ଉଚ୍ଚତମ ନ୍ୟାୟାଳୟରେ କୌଣସି ନିମ୍ନ କର୍ତ୍ତୃପକ୍ଷ, ଅଧିକାରୀ କିମ୍ବା ଅଦାଲତକୁ ନିଜର କ୍ଷମତା ପରିସର ଅନ୍ତର୍ଭୁକ୍ତ କୌଣସି କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଅନ୍ତି ।

**ପ୍ରତିଶେଧ (Prohibition) :** ନିଜର କ୍ଷମତା ପରିସର ବାହାରେ କୌଣସି କାର୍ଯ୍ୟ କରୁଥିବା କୌଣସି ଅଧସ୍ତନ କର୍ତ୍ତୃପକ୍ଷ ଅଧିକାରୀ ବା ଅଦାଲତକୁ ସମ୍ପୃକ୍ତ କାର୍ଯ୍ୟରୁ ନିବୃତ୍ତ କରିବା ନିମନ୍ତେ ନ୍ୟାୟାଳୟ ନିଷେଧାଜ୍ଞା ଜାରି କରନ୍ତି ।

**ଅଧିକାର ପୃଚ୍ଛା (Qou Warranto) :** ଗୋଟିଏ ସରକାରୀ ପଦବୀ ନିମନ୍ତେ ହକ୍‌ଦାର ନହୋଇ ମଧ ସେହି ପଦବୀରେ ବେଆଇନ୍ ଭାବେ କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତିଙ୍କୁ ସେଥିରୁ ନିବୃତ୍ତ କରିବା ନିମନ୍ତେ ଅଧିକାର ପଚ୍ଛା ରୂପକ ଆଜ୍ଞାଦେଶ ଜାରି କରନ୍ତି ।

**ଉତ୍‌ପ୍ରେକ୍ଷଣ (Certiorari) :** ଉତ୍‌ପ୍ରେକ୍ଷଣ ଅଜ୍ଞାଦେଶ ବଳରେ ଉଚ୍ଚତମ ନ୍ୟାୟାଳୟ କୌଣସି ଅଧସ୍ତନ କର୍ତ୍ତୃପକ୍ଷ ବିଶେଷ କରି ଅଧସ୍ତନ ଅଦାଲତରୁ କୌଣସି ମାମଲାକୁ ବିଚାର ନିମନ୍ତେ ନିଜ ପାଖକୁ କିମ୍ବା ଅନ୍ୟ କୌଣସି ଅଦାଲତକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଅନ୍ତି ।

ଏହି ସବୁ ନିର୍ଦ୍ଦେଶନାମା ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ବା ଅନ୍ୟ କୌଣସି କର୍ତ୍ତୃପକ୍ଷ ଦ୍ୱାରା କ୍ଷୁର୍ଣ୍ଣ ହେଉଥିବା ନାଗରିକ ଅଧିକାର ଗୁଡିକୁ ସୁରକ୍ଷିତ କରିଥାଏ । ଯଦି ମୌଳିକ ଅଧିକାର ଆମ ଗଣତନ୍ତ୍ରର ଏକ ଅପରିହାର୍ଯ୍ୟ ଅଙ୍ଗ ଅଟେ, ତେବେ ସାମ୍ବିଧାନିକ ପ୍ରତିକାର ବ୍ୟବସ୍ଥା ସମ୍ବିଧାନର ତୃତୀୟ ଅଧ୍ୟାୟର ଆତ୍ମା ଅଟେ ।

ତୁମେ ଏହି ହୁକୁମନାମା ବିଷୟରେ ବିଷୟ ୧୨ରେ ଅଧିକ ପଢ଼ିବ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୬.୬

**ବନ୍ଧନୀ ମଧ୍ୟରୁ ଉପଯୁକ୍ତ ସଂଖ୍ୟା ବା ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର**

୧। ଧର୍ମୀୟ କିମ୍ବା ଭାଷାର ________ ସେମାନଙ୍କର ଶିକ୍ଷାନୁଷ୍ଠାନ ଗଠନ କରିପାରିବ ।

(ସଂଖ୍ୟା ଲଘୁ, ସଂଖ୍ୟା ଗରିଷ୍ଠ)

୨। ଭାରତରେ ହୁକୁମନାମ ________ ନ୍ୟାୟାଳୟ ଦ୍ୱାରା ଜାରି କରାଯାଏ । (ନିମ୍ନ, ଅଧସ୍ତନ, ଉଚ୍ଚ)

୩। ନ୍ୟାୟାଳୟର ନିର୍ଦ୍ଦେଶ ଅନୁସାରେ ଅଟକ ରଖିଥିବା ଅଧିକାରୀ ବ୍ୟକ୍ତିଙ୍କୁ ଉପସ୍ଥିତ କରାଇବେ, ଏହା ଏକ ________ ହୁକୁମନାମା । (ପରମାଦେଶ, ପ୍ରତିଶୋଧ, ବନ୍ଦୀ ପ୍ରତ୍ୟକ୍ଷୀ କରଣ)

୪। ଗୋଟିଏ ବ୍ୟକ୍ତି ସରକାରୀ ପଦବୀ ନିମନ୍ତେ ହକ୍ ନହାଇ ସେହି ପଦବୀରେ କାର୍ଯ୍ୟ କରୁଥିଲେ ________ ହୁକୁମନାମା ବଳରେ ସେଥିରୁ ନିବୃତ୍ତ କରାଯାଇପାରିବ ।


(ଅଧିକାର ପୃଚ୍ଛା, ଉତ୍‌ପ୍ରେକ୍ଷଣ, ପରମାଦେଶ)

୫। ଆଦେଶ ବଳରେ ଅଧସ୍ତନ ଅଦାଲତରୁ କୌଣସି ମାମଲାକୁ ବିଚାର ନିମନ୍ତେ ନିଜ ପାଖକୁ କିମ୍ବା ଅନ୍ୟ କୌଣସି ଅଦାଲତକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦଅନ୍ତି, ତା'ର ________ ହୁକୁମନାମା କୁହାଯାଏ ।

(ବନ୍ଦୀ ପ୍ରତ୍ୟକ୍ଷୀକରଣ / ପ୍ରତିଶେଧ / ଉତ୍‌କ୍ଷେପଣ)

## ତୁମେ କ'ଣ ଶିକ୍ଷା କଲ

ମୌଳିକ ଅଧିକାର ସମ୍ବିଧାନର ତୃତୀୟ ଅଧ୍ୟାୟ ଧାରା ୧୪ ରୁ ୩୨ ମଧ୍ୟରେ ଆଲୋଚନା କରାଯାଇଛି । ଏହା ନାଗରିକମାନଙ୍କର ସମ୍ମାନ ଓ ସ୍ଥିତିର ସୁରକ୍ଷା କରେ । ଏହି ଅଧିକାର ଗୁଡିକ ସାବ୍ୟସ୍ତଶୀଳ ଯାହା



Notes

ନ୍ୟାୟାଳୟର ଆଇନ୍ ଦ୍ୱାରା ସମର୍ଥୀନ । ବର୍ତ୍ତମାନ ଛଅଗୋଟି ମୌଳିକ ଅଧିକାର ଅଛି । ସଂବିଧାନ ସଂଶୋଧନ ଦ୍ୱାରା ଶିକ୍ଷାଗତ ଅଧିକାର ଏଥିରେ ସଂଯୋଗ ହୋଇଛି ।

ଏହି ଅଧିକାରଗୁଡିକ ନିରଙ୍କୁଶ ନୁହେଁ । ଅନ୍ୟ ରାଷ୍ଟ୍ରମାନଙ୍କ ସହିତ ସଂପର୍କ, ନୈତିକତା, ଜାତୀୟ ସୁରକ୍ଷା ଓ ଶାନ୍ତି ପାଇଁ ଏହି ଅଧିକାର ଉପରେ ନିୟନ୍ତ୍ରଣ ଲଗାଯାଇ ପାରିବ । ପ୍ରଥମ ମୌଳିକ ଅଧିକାର ହେଲା ସମାନତାର ଅଧିକାର ସମ୍ବିଧାନରେ ଆଇନ୍ ଆଗରେ ସମସ୍ତେ ସମାନ । ରାଷ୍ଟ୍ର ଜାତି, ବର୍ଣ୍ଣ, ଧର୍ମ, ଭାଷା ଓ ଲିଙ୍ଗକୁ ନେଇ ସେମାନଙ୍କ ମଧ୍ୟରେ କୌଣସି ପ୍ରକାର ପ୍ରଭେଦ ସୃଷ୍ଟି କରିପାରିବ ନାହିଁ । ଅସ୍ପୃଶ୍ୟତାକୁ ସଂପୂର୍ଣ୍ଣ ନିଷେଧ କରାଯାଇଛି ଓ ଏହାକୁ ଯେ ଅମାନ୍ୟ କରିବ ଆଇନ୍ ଆଗରେ ଦଣ୍ଡିତ ହେବ । ରାଷ୍ଟ୍ର ଉପାଧି ପ୍ରଦାନକୁ ନିଷେଧ କରିଛି ଯାହା ସାମାଜିକ ପ୍ରଭେଦ ସୃଷ୍ଟି କରିଥାଏ ।

ସ୍ୱାଧୀନତାର ଅଧିକାର ନାଗରିକର ମନ, ଶରୀର ଓ ଭାବନାର ସବୁ ପ୍ରକାର ଉନ୍ନତି କରିଥାଏ । ଏହା ନାରିକମାନଙ୍କୁ ୬ଗୋଟି ସ୍ୱାଧୀନତା ପ୍ରଦାନ କରିଛି । ଏହି ଅଧିକାର ଜୀବନ ଓ ସ୍ୱତନ୍ତ୍ରତାର ସୁରକ୍ଷା କ୍ଷେତ୍ରରେ ସାହାର୍ଯ୍ୟ କରେ । ଏହା ଲୋକମାନଙ୍କ ମନମୁଖୀ ଗିରଫ ଓ ଅଟକରୁ ରକ୍ଷା କରେ ।

ଆମ ସମ୍ବିଧାନ ଲୋକମାନଙ୍କର କିଣା, ବିକା ଓ ବେଠୀକୁ ନିଷେଧ କରେ । କଳ, କାରଖାନା ଓ ବିପଦ ଜନକ କାର୍ଯ୍ୟରେ ୧୪ ବର୍ଷର ବାଳକ ଓ ବାଳିକାମାନଙ୍କୁ ନିଯୁକ୍ତ ପ୍ରଦାନକୁ ବାରଣ କରାଯାଇଛି ।

ଭାରତ ଗୋଟିଏ ବହୁ ଧର୍ମୀୟ ରାଷ୍ଟ୍ର । ଆମ ସମ୍ବିଧାନ ସେମାନଙ୍କର ଧର୍ମର ବ୍ୟବସ୍ଥାରେ ହସ୍ତକ୍ଷେପ କରେନାହିଁ କି ଉନ୍ନତି କରେ ନାହିଁ । ଏହା ଧର୍ମ ନିରପେକ୍ଷ ବାଦରେ ବିଶ୍ୱାସ କରେ । ସମସ୍ତ ଧର୍ମୀୟ ସଂପ୍ରଦାୟ ମୁକ୍ତ ଭାବରେ ସେମାନଙ୍କର ଧର୍ମୀୟ ଅନୁଷ୍ଠାନ ଗଠନ କରିପାରିବେ । ସମସ୍ତ ନାଗରିକ ସେମାନଙ୍କର ଧର୍ମର ପ୍ରଚାର ଓ ପ୍ରସାର ପାଇଁ ସ୍ୱାଧୀନତା ପାଇଛନ୍ତି ।

ଶିକ୍ଷା ଓ ସହସ୍କୃତିଗତ ଅଧିକାର ଆମ ସଂସ୍କୃତିର ସୁରକ୍ଷାର ଅଧିକାର ପ୍ରଦାନ କରିଛି । ରାଷ୍ଟ୍ରଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତି, ଧର୍ମ, ବର୍ଣ୍ଣ, ଭାଷାର ପ୍ରଭେଦକୁ ଦେଖାଇ ରାଷ୍ଟ୍ର କାହାକୁ ନାମ ଲେଖାରୁ ବଞ୍ଚିତ କରିପାରିବ ନାହିଁ । ସଂଖ୍ୟାଲଘୁ ସଂପ୍ରଦାୟର ଲୋକମାନେ ସେମାନଙ୍କର ଭାଷା ଓ ସଂସ୍କୃତିର ଉନ୍ନତି ଓ ପ୍ରସାର ପାଇଁ ଅନୁଷ୍ଠାନମାନ ପ୍ରତିଷ୍ଠା କରିପାରିବେ । ଯେ କୌଣସି ଅନୁଷ୍ଠାନକୁ ଅନୁଦାନ ଦେବା ସମୟରେ ରାଷ୍ଟ୍ର ଧର୍ମ କିମ୍ବା ଭାଷା ଆଧାର କରି ପ୍ରଭେଦ କରିପାରିବ ନାହିଁ ।

ଶେଷରେ ସାମ୍ବିଧାନିକ ପ୍ରତିକାର ଅଧିକାର ଅଧୀନରେ ନାଗରିକମାନେ ସେମାନଙ୍କର ମୌଳିକ ଅଧିକାର ଉପଭୋଗ କରିପାରିବେ ବୋଲି ସମ୍ବିଧାନ ସ୍ୱୀକୃତୀ ପ୍ରଦାନ କରିଛି । ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଲେ ହୁକୁମନାମା, ନିର୍ଦ୍ଦେଶ ପ୍ରଦାନ କରିପାରିବେ । ଡକ୍ଟର ବି. ଆର. ଆମ୍ବେଦକର କହିଛନ୍ତି "ସମ୍ବିଧାନର ତୃତୀୟ ଅଧ୍ୟାୟର ହୁକୁମନାମା ଆତ୍ମା ସଦୃଶ୍ୟ ।"

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧। ସମ୍ବିଧାନରେ ପ୍ରଦାନ କରାଯାଇଥିବା ମୌଳିକ ଅଧିକାର ଗୁରୁତ୍ୱ ବର୍ଣ୍ଣନା କର ।

୨। ସମାନତାର ଅଧିକାରର ଯେ କୌଣସି ବିଷୟକୁ ବର୍ଣ୍ଣନା କର ।

୩। ସ୍ୱାଧୀନତାର ଅଧିକାର ଅଧୀନରେ ଥିବା ଛଅଗୋଟି ମୌଳିକ ସ୍ୱାଧୀନତା ବିଷୟରେ ଆଲୋଚନା କର ।

୪। ଶୋଷଣ ବିରୁଦ୍ଧରେ ଅଧିକାର ବିଷୟରେ ଆଲୋଚନା କର ।

୫। ଧର୍ମଗତ ଅଧିକାର କିପରି ଭାବରେ ଭାରତରେ ଧର୍ମ ନିରପେକ୍ଷ ନୀତିର ପ୍ରତିଷ୍ଠା କରୁଛି ବର୍ଣ୍ଣନା କର ।

୬। ହୁକୁମନାମା କ'ଣ ? କାହାର ହୁକୁମନାମା ଜାରି କରିବାର କ୍ଷମତା ଅଛି ?

୭। ମୌଳିକ ଅଧିକାର ସାବ୍ୟସ୍ତଶୀଳ ବର୍ଣ୍ଣନା କର ।

୮। ସ୍ୱାଧୀନତାର ଅଧିକାର ବ୍ୟବସ୍ଥାଗୁଡ଼ିକ ବର୍ଣ୍ଣନା କର ।

୯। ୮୬ ତମ ସମ୍ବିଧାନ ସଂଶୋଧନ ଆଇନ୍‌ରେ ଶିକ୍ଷାଗତ ଅଧିକାର ସମ୍ବିଧାନରେ ଅନ୍ତର୍ଭୁକ୍ତ ହୋଇଛି ଦର୍ଶାଅ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୬.୧**

୧। ୪୪ତମ

୨। ମୌଳିକ

**୬.୨**

୧। ସାମାଜିକ

୨। ୫

୩। ସମାନତା

୪। ସ୍ୱତନ୍ତ୍ର

୫। ସାମାଜିକ

**୬.୩**

୧। ଖ

୨। ଖ

୩। କ

୪। ୮୬ ତମ


**୬.୪**

୧। ୧୪

**୬.୫**

୧। ଜନ ସାଧାରଣ

୨। ଧାର୍ମିକ





୬.୬

୧। ସଂଖ୍ୟାଲଘୁ

୨। ଉଚ୍ଚ ନ୍ୟାୟାଳୟ

୩। ବନ୍ଦୀ ପ୍ରତ୍ୟକ୍ଷୀକରଣ

୪। ଅଧିକାର ପୃଚ୍ଛା

୫। ଉତ୍‌ପ୍ରେକ୍ଷଣ

**ପାଠ୍ୟାନ୍ତ ପ୍ରଶ୍ନାବଳୀ ପାଇଁ ସୂଚନା**

୧। ୬.୧ ର ସୂଚନା

୨। ୬.୨ ର ସୂଚନା

୩। ୬.୩.୧ ର ସୂଚନା

୪। ୬. ୪ ର ସୂଚନା

୫। ୬. ୫ ର ସୂଚନା

୬। ୬. ୭ ର ସୂଚନା

୭। ୬. ୧ ର ସୂଚନା

୮. ୬. ୩ ର ସୂଚନା

୯। ୬. ୩. ୫ ର ସୂଚନା